بسم الله الرحمٰن الرحيم

ଖୁତବା ଜୁମା ୩୦ ଅଗଷ୍ଟ ୨୦୧୯ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ୍ ଲଣ୍ଡନ (ବ୍ରିଟେନ୍)

## *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବାମାନଙ୍କର ବିଶ୍ୱାସବର୍ଦ୍ଧକ, ପ୍ରଶଂସନୀୟ ଗୁଣାବଳୀର ହୃଦୟଦ୍ରାବୀ ଓ ମନୁରଞ୍ଜକର ଚର୍ଚ୍ଚା ।*

## *ମାନନୀୟ ସ୍ୱର୍ଗତ ତାହେର ଆରଫ୍ ସାହେବ ପୂର୍ବତନ ଅଧ୍ୟକ୍ଷ ଫଜ଼ଲେ ଉମର ଫାଉଣ୍ଡେଶନଙ୍କର ପ୍ରଶଂସନୀୟ ଗୁଣାବଳୀର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ଅନ୍ତେ ହୁଜ଼ୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ବଦରୀ ସାହାବାମାନଙ୍କ ଆଲୋଚନା କ୍ରମେ ଆଜି ମୁଁ ଯେଉଁ ସାହାବାମାନଙ୍କର ଚର୍ଚ୍ଚା କରିବି ତନ୍ମଧ୍ୟରୁ ପ୍ରଥମ ସାହାବୀ ହେଉଛନ୍ତି *ହଜ଼ରତ ଉତବା ବିନ୍ ମସଉଦ୍ ହଜ଼ଲ୍ଲୀ ର.ଅ* । ହଜ଼ରତ ଅବଦୁଲ୍ଲାଃ ଇବ୍ନେ ମସଉଦ ତାଙ୍କ ନିଜ ଭାଇ ଥିଲେ । ସେ ମକ୍କାରେ ଇସଲାମର ପ୍ରାରମ୍ଭିକ କାଳରେ ମୁସଲମାନ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଅନ୍ୟତମ ଥିଲେ । ସେ ହବଶା ଆଡ଼କୁ ଦ୍ୱିତୀୟ ଥର ପ୍ରବାସକାରୀଙ୍କ ମଧ୍ୟରେ ଶାମିଲ ଥିଲେ । ହଜ଼ରତ ଉତବା ବିନ୍ ମସଉଦ ଅସହାବେ ସୁଫା ମଧ୍ୟରୁ ଅନ୍ୟତମ ଥିଲେ । ଅସହାବେ ସୁଫା ସଂପର୍କରେ ହଜ଼ରତ ମିର୍ଜ଼ା ବଶୀର ଅହମଦ ସାହେବ ଉଲ୍ଲେଖ କରନ୍ତି ଯେ : ମସଜିଦର ଏକ କୋଣରେ ଛାତ ଥିବା ଚତୁର୍କୋଣ ମଞ୍ଚ ବା ଚବୁତରା ନିର୍ମାଣ କରାଯଆଇଥିଲା ଯାହାକୁ ସୁଫା କହନ୍ତି । ଏହି ସ୍ଥାନଟି ସେହି ଗରିବ ଲୋକମାନଙ୍କ ନିମନ୍ତେ ପ୍ରଯୁଜ୍ୟ ଥିଲା ଯେଉଁମାନଙ୍କ ପାଖରେ ନିଜର ଘର ନଥିଲା । ତେଣୁ ଏହି ଲୋକମାନେ ଏହିଠାରେ ବସବାସ କରୁଥିଲେ ଏବଂ ଏମାନଙ୍କୁ ଅସହାବେ ସୁଫା କୁହାଯାଉଥିଲା । ସେମାନଙ୍କର ଏହି ଦାୟିତ୍ୱଟ ଥିଲା ଯେ, ସେମାନେ ଆଁହଜ଼ରତ ସ.ଅଙ୍କର ସହଚରରେ ରହି ଉପସନା କରିବା ସଙ୍ଗେ ସଙ୍ଗେ କୁରଆନ କରୀମ ତିଲାୱତ କରୁଥିଲେ । ସେମାନଙ୍କ ନିକଟରେ କୌଣସି ନିର୍ଦ୍ଦିଷ୍ଟ ବା ସ୍ଥାୟୀ ଜିବୀକା ନଥିଲା । ଆଁହଜ଼ରତ ସ.ଅ ସ୍ୱୟଂ ସେମାନଙ୍କର ଭଲମନ୍ଦ ବୁଝୁଥିଲେ । ବେଳେବେଳେ ଆଁହଜ଼ରତ ସ.ଅ ନିଜେ ଉପାସ ରହି ଘରେ ଯାହାକିଛି ଖାଦ୍ୟ ସାମଗ୍ରୀ ରହୁଥିଲା ତାହାକୁ ଅସହାବେ ସୁଫାଙ୍କ ପାଇଁ ପଠାଇ ଦେଉଥିଲେ । ଅନସାରମାନେ ମଧ୍ୟ ସେମାନଙ୍କ ଆତିଥ୍ୟତା କରିବାରେ ସର୍ବଦା ବ୍ୟସ୍ତ ରହୁଥିଲେ ଏବଂ ସେମାନଙ୍କ ପାଇଁ ଖଜୁରୀ କୋଳିର କାନ୍ଦୀ ଆଣି ମସଜିଦରେ ଓହୋଳେଇ ଦେଉଥିଲେ । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେମାନଙ୍କର ପରିସ୍ଥିତିରେ କୌଣସି ଉନ୍ନତି ଆସୁ ନଥିଲା । ବରଂ ସେମାନେ ଦୂରାବସ୍ଥାର ଶିକାର ଥିଲେ ଓ ବେଳେ ବେଳେ ଏଭଳି ପରିସ୍ଥିତରେ ସେମାନେ ଉପନୀତ ହେଉଥିଲେ ଯେ, ସେମାନଙ୍କର ଏଭଳି ଦୂରାବସ୍ଥା ବର୍ଷବର୍ଷ ଧରି ଲାଗି ରହୁଥିଲା । ଏପର୍ଯ୍ୟନ୍ତ କି କେତେକ ଲୋକମାନଙ୍କ ପାଇଁ (ଅର୍ଥାତ ଅସହାବୁସ ସୁଫାଙ୍କ ପାଇଁ) ମଦିନାର ପ୍ରଶସ୍ତିକରଣ ଯୋଗୁଁ କିଛି କାମ ଉପଲବ୍ଧ ହୋଇଯାଇଥିଲା ଏବଂ ଆଉ କେତେକଙ୍କ ପାଇଁ ଗୋଷ୍ଠୀ ବୈତୁଲା ମାଲ୍ ଠାରୁ ଅନୁଦାନ ଯୋଗାଇ ଦେବାର ପରିସ୍ଥିତି ସୃଷ୍ଟି ହୋଇ ଯାଇଥିଲା ।

ଏହି ଲୋକମାନେ ଦିନ ବେଳା ଆଁହଜ଼ରତ ସ.ଅଙ୍କ ଦରବାରରେ ଉପସ୍ଥିତ ରହୁଥିଲେ ଏବଂ ହଦିସ ଶୁଣୁଥିଲେ । ଏମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିଙ୍କ ନିକଟରେ ପିନ୍ଧିବା ପାଇଁ ଚାଦର ଏବଂ ଧୋତି କିମ୍ବା ଲୁଙ୍ଗି ଉଭୟ ବସ୍ତ୍ର କେବେ ହେଲେ ଏକତ୍ର ହୋଇପାରି ନଥିଲା। ସେମାନେ ଚାଦରକୁ ବେକ ସାହାଯ୍ୟରେ ଏପରି ବାନ୍ଧି ଦେଉଥିଲେ ଯଦ୍ୱାରା ଚାଦରଟି ଜଂଘ ପର୍ଯ୍ୟନ୍ତ ଓହୋଳି ଯାଉଥିଲା । ହଜ଼ରତ୍ ଅବୁ ହୁରୈରା ର.ଅ ମଧ୍ୟ ଏହି ଶ୍ରେଣୀୟ ବ୍ୟକ୍ତି ଥିଲେ । ସେ ବର୍ଣ୍ଣନା କରନ୍ତି ଯେ, ମୁଁ ସୁଫା ବାସୀଙ୍କ ମଧ୍ୟରୁ ୭୦ ଜଣ ବ୍ୟକ୍ତିଙ୍କୁ ଦେଖିଲି, ଯେଉଁମାନଙ୍କର ବସ୍ତ୍ର ସେମାନଙ୍କର ଜଂଘ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚୁ ନଥିଲା । ଯେତେବେଳେ ଆଁହଜ଼ରତ ସ.ଅଙ୍କ ନିକଟକୁ କୌଣସି ଦାନ ଦକ୍ଷିଣା ଆସୁଥିଲା ସେତେବେଳେ ଆଁହଜ଼ରତ ସ.ଅ ତାହାକୁ ସେମାନଙ୍କ (ଅର୍ଥାତ ଅସହାବୁସ ସୁଫାଙ୍କ ପାଇଁ) ନିକଟକୁ ପଠାଇ ଦେଉଥିଲେ ଏବଂ ଯେତେବେଳେ ନିମନ୍ତ୍ରଣର ଭୋଜନ ଆଁହଜ଼ରତ ସ.ଅଙ୍କ ପାଖକୁ ଆସୁଥିଲା ସେତେବେଳେ

ଆଁହଜ଼ରତ ସ.ଅ ସେମାନଙ୍କୁ ଡ଼କାଉଥିଲେ ଏବଂ ସେମାନଙ୍କ ସାଙ୍ଗରେ ବସି ଭୋଜନ କରୁଥିଲେ । ଏପରି ବହୁବାର ବା ଅନେକ ଥର ହୋଇଛି ଯେ, ରାତ୍ରରେ ଆଁହଜ଼ରତ ସ.ଅ ସେହି ଖଜୁରୀ ଓ ନିମନ୍ତ୍ରଣ ଭୋଜିକୁ ପ୍ରବାସକାରୀ ଏବଂ ଅନସାରମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ । ଅର୍ଥାତ୍ ନିଜର ସାମର୍ଥ୍ୟତାନୁଯାୟୀ  ପ୍ରତ୍ୟେକ ବ୍ୟକ୍ତି (ଅର୍ଥାତ ଅନସାରମାନେ) ଗୋଟିଏ ଗୋଟିଏ କିମ୍ବା ଦୁଇ ଦୁଇ ଜଣଙ୍କୁ ଧରି ରାତିରେ ସେମାନଙ୍କୁ ଭୋଜନ କରାଉ ଥିଲେ । ହଜ଼ରତ ସାଆଦ ବିନ୍ ଉବାଦା ର.ଅ ନାମକ ଜଣେ ସାହାବୀ ଥିଲେ ଯିଏ ଅତ୍ୟନ୍ତ ବଦାନ୍ୟ ଏବଂ ଧନୀକ ବ୍ୟକ୍ତି ଥିଲେ, ବେଳେବେଳେ ସେ ୮୦ ଜଣ ଅତିଥିଙ୍କୁ ନିଜ ସାଙ୍ଗରେ ନେଇ ଯାଉଥିଲେ । ସୁଫାବାସୀଙ୍କ ସଂଖ୍ୟା ବିଭିନ୍ନ ସମୟରେ ଭିନ୍ନ ରହିଥିଲା । ସର୍ବନିମ୍ନ ୧୨ ଜଣ ଓ ସର୍ବାଧିକ ୬୦୦ ଜଣ ବୋଲି କୁହାଯାଉଥିଲା। ଆଁହଜ଼ରତ ସ.ଅ ସେମାନଙ୍କ ପ୍ରତି ଅତ୍ୟନ୍ତ ପ୍ରେମାସକ୍ତ ଭାବ ରହିଥିଲା । ସେମାନଙ୍କ ସହିତ ମସଜିଦରେ ବସୁଥିଲେ ଏବଂ ଖିଆପିଆ କରୁଥିଲେ ଏବଂ ଲୋକମାନଙ୍କୁ ସେମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ତଥା ସତ୍କାର କରିବା ପାଇଁ ପ୍ରବର୍ତ୍ତାଉ ଥିଲେ । ଏକଦା ସୁଫାବାସୀଙ୍କର ଏକ ଦଳ ଆଁହଜ଼ରତ ସ.ଅଙ୍କ ଦରବାରରେ ଅଭିଯୋଗ ଆଣିଲା ଯେ, ଆମମାନଙ୍କର ଉଦରକୁ ଖଜୁରୀ କୋଳି ଦାହ କରିଦେଇଛି । ଅର୍ଥାତ୍ ଆମକୁ ଖାଇବାକୁ କେବଳ ଖଜୁରୀ କୋଳି ହିଁ ମିଳୁଅଛି ଅନ୍ୟ କୌଣସି ଖାଦ୍ୟ ଖାଇବାକୁ ମିଳୁ ନାହିଁ । ରୁସଲ କରୀମ ସ.ଅ କହିଲେ ଯେ, ତୁମେମାନେ କହୁଅଛ ଯେ, ଆମମାନଙ୍କର ଉଦରକୁ (ପେଟ) ଖଜୁରୀ କୋଳି ଦାହ କରିଦେଇଛି । କ'ଣ ତୁମେମାନେ ଜାଣି ନାହଁ ଯେ, ମଦିନା ବାସୀଙ୍କ ମୁଖ୍ୟ ଖାଦ୍ୟ ଖଜୁରୀ ଅଟେ । ଲୋକମାନେ ଏହାରି ମାଧମରେ ଆମ୍ଭକୁ ସାହାଯ୍ୟ କରିଥାଆନ୍ତି ଓ ଆମ୍ଭେମାନେ ମଧ୍ୟ ଏହାରି ମାଧମରେ ତୁମ୍ଭମାନଙ୍କର ସାହାଯ୍ୟ କରୁଅଛୁ । ପୁନଶ୍ଚ ହୁଜୁର୍ ସ.ଅ କହିଲେ ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମାସେ କିମ୍ବା ଦୁଇ ମାସ ହେବ ଅଲ୍ଲାଃଙ୍କ ରସୁଲଙ୍କ ଘରେ ଚୁଲି ଜଳି ନାହିଁ । ଅର୍ଥାତ ମୁଁ ଓ ମୋର ପରିବାର ମଧ୍ୟ କେବଳ ପାଣି ଓ ଖଜୁରୀ କୋଳି ଖାଇ କାଳାତିପାତ କରିଛୁ । ସେ ଯାହାହେଉ ନା କାହିଁକି ଏହି ସାହାବାମାନେ ପୂର୍ଣ୍ଣ ବିଶ୍ୱସ୍ତତାର ସହ ମସଜିଦେ ନବୱୀରେ ବସି ରହୁଥିଲେ । ଯେତେବେଳେ ଏମାନେ ଲେଖା ପଢ଼ା ଶିଖିଲେ ସେତେବେଳେ ଏମାନେ କ଼ାରୀ (ଅର୍ଥାତ କୁରଆନ ଆବୃତ୍ତିକାରୀ) ବୋଲାଇଲେ ଏବଂ ଅନ୍ୟମାନଙ୍କୁ ଶିକ୍ଷା ଦେବା ଲାଗି ମଧ୍ୟ ଏମାନଙ୍କୁ ପ୍ରେରଣ କରାଗଲା। ପରେ ଏହି ସାହାବାମାନଙ୍କ ମଧ୍ୟରୁ ଅନେକ ସାହାବାମାନେ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ । ସହୀ ବୁଖାରୀରେ ହଜ଼ରତ ଉତବା ବିନ୍ ମସଉଦ ର.ଅଙ୍କ ଚର୍ଚ୍ଚା ସେହି ସାହାବାମାନଙ୍କର ସୂଚୀରେ ଉଲ୍ଲେଖ କରାଯାଇଛି ଯେଉଁମାନେ କି ବଦର ଯୁଦ୍ଧରେ ଅଂଶଗ୍ରହଣ କରିଥେଲ । ହଜ଼ରତ ଉତବା ବିନ୍  ମସଉଦ ର.ଅ ହଜ଼ରତ ଉମର ର.ଅଙ୍କ ଶାସନ କାଳରେ ୨୩ ହିଜରୀରେ ମଦିନା ଠାରେ ମୃତ୍ୟୁବରଣ କରିଥିଲେ ଏବଂ ହଜ଼ରତ ଉମର ର.ଅ ତାଙ୍କର ନମାଜ଼ ଯନାଜ଼ାଃ ପଢେଇଥିଲେ । ଯେତେବେଳେ ଉତବା ବିନ୍ ମସଉଦ ର.ଅଙ୍କର ବିୟୋଗ ହେଲା ସେତେବେଳେ ତାଙ୍କର ଭାଇ ହଜ଼ରତ ଅବଦୁଲ୍ଲାଃ ଇବନେ ମସଉଦ ର.ଅଙ୍କ ଆଖିରୁ ଲୁହ ଝରି ଯାଇଥିଲା । କେତେକ ଲୋକମାନେ ତାଙ୍କୁ କହିଲେ ଯେ, ଆପଣ କ'ଣ କାନ୍ଦୁଛନ୍ତି ? ସେ ଉତ୍ତର ଦେଲେ ଯେ, ଏ ମୋର ଭାଇ ଥିଲେ ଏବଂ ରସୁଲ କରୀମ ସ.ଅଙ୍କ ଘରେ ମୋର ସାଥୀ ଥିଲେ ଏବଂ ହଜ଼ରତ ଉମର ବିନ ଖତ୍ତାବ ର.ଅଙ୍କ ବ୍ୟତୀତ ସମସ୍ତ ଲୋକମାନଙ୍କ ମଧ୍ୟରୁ ମୋର ଅତି ପ୍ରିୟତମ ବା ଘନିଷ୍ଠ ଥିଲେ ।

ଦ୍ୱିତୀୟ ସାହାବୀ ଯାହାଙ୍କର ଆଲୋଚନା ହେବ ତାଙ୍କର ନାମ ହେଲା **ହଜ଼ରତ ଉବାଦା ବନ୍ ସାମିତ** ର.ଅ । ସେ ଅନସାରୀ ସାହାବୀ ଥିଲେ ।  ସେ ବୈଅତେ ଅକ଼ବା ଉଲାରେ ଶାମିଲ ହୋଇଥିଲେ । ସେ ଅନସାର ସମ୍ପ୍ରଦାୟ ଖଜ଼ରଜର ବନୁ ଔଫ ବିନ୍ ଖଜ଼ରଜର ନେତା ଥିଲେ । ହଜ଼ରତ ଔସ୍ ବିନ୍ ସାମିତ ହଜ଼ରତ ଉବାଦାଙ୍କର ଭାଇ ଥିଲେ । ହଜ଼ରତ ଔସ୍ ମଧ୍ୟ ବଦରୀ ସାହାବୀ ଥିଲେ । ହଜ଼ରତ ଉବାଦା ର.ଅ ବଦର୍, ଓହୋଦ, ଖନ୍ଦକ୍ ଯୁଦ୍ଧ ବ୍ୟତୀତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର ସ.ଅଙ୍କ ସହିତ ଶାମିଲ ଥିଲେ । ହଜ଼ରତ ଉବାଦା ବିନ୍ ସାମିତ ର.ଅ ୩୪ ହିଜରୀରେ ରମଲା ଫିଲିସ୍ତିନ୍ ଠାରେ ମୃତ୍ୟୁବରଣ କରିଥିଲେ । କେତେକଙ୍କ ଅନୁଯାୟୀ ସେ ବୈଅତୁଲ୍ ମକ଼ଦସ ଠାରେ ମୃତ୍ୟୁବରଣ କରିଥିଲେ ଏବଂ ସେହିଠାରେ ହିଁ ତାଙ୍କୁ କବର ଦିଆଯାଇଥିଲା ଏବଂ ତାଙ୍କର କବର ଆଜିବି ପରିଚିତ ତଥା ସୁପ୍ରସିଦ୍ଧ । ମୃତ୍ୟୁବେଳେ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ସେ ଉଚ୍ଚତାରେ ଦୀର୍ଘକାୟ ଏବଂ ପୃଥୁଳ ଶରୀର ଯୁକ୍ତ ଓ ଅତ୍ୟନ୍ତ ସୁନ୍ଦର ବ୍ୟକ୍ତି ଥିଲେ । ହଜ଼ରତ ଉବାଦା ବିନ୍ ସାମିତ ର.ଅଙ୍କ ରିୱାୟାତର ସଂଖ୍ୟା୧୮୧ ପର୍ଯ୍ୟନ୍ତ ବ୍ୟାପି ଯାଇଛି । ଅକ଼ବାର ରାତିରେ ଏ ମଧ୍ୟ ନେତାମାନଙ୍କ ମଧ୍ୟରୁ ଅନ୍ୟତମ ନେତା ଥିଲେ ।

ଏକଦା ନବୀ କରୀମ ସ.ଅ ହଜ଼ରତ ଉବାଦା ବିନ୍ ସାମିତ ର.ଅଙ୍କୁ ଦାନର କାର୍ଯ୍ୟକର୍ତ୍ତା ରୂପେ ନିଯୁକ୍ତ କଲେ ଏବଂ ତାଙ୍କୁ ଉପଦେଶ ଦେଇ କହିଲେ କି ଅଲ୍ଲାଃତାଲାଙ୍କୁ ତୁମେ ସବୁବେଳେ ଭୟ କରୁଥିବ । କାରଣ ଏପରି ନହେଉ ଯେ, ବିଚାର ଦିବସ ଦିନ ତୁମେ ଓଟକୁ ନିଜ କାନ୍ଧ ଉପରେ ଲଦି ଥିବ ଏବଂ ସେହି ଓଟର ସ୍ୱର ବାହାରୁଥିବ କିମ୍ବା ଛେଳିକୁ କାନ୍ଧରେ ଲଦି ଥିବ ଏବଂ ସେ ମେଁ ମେଁ କରୁଥିବ । ଅର୍ଥାତ୍ ତୁମ ଦ୍ୱାରା ଯେପରି ବିଶ୍ୱାସଘାତ ନହୋଇଯାଉ । ଏପରି ନହେଉ ଯେ, ତୁମେ ଦାନର ସଠିକ୍ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ସାବ୍ୟସ୍ତ ହୁଅ, ଏପରି ନ ହେଉ ଯେ, ଜ଼କାତ କିମ୍ବା ଦାନରେ ଏହି ବସ୍ତୁଗୁଡ଼ିକ ଆସୁଥିବ ଏବଂ ତୁମେ ତାହାକୁ ସଠିକ୍ ରୂପେ ବାଣ୍ଟି ପାରୁ ନଥିବ ଏବଂ ଏହି ଦାୟିତ୍ୱକୁ ତୁଲାଇବାରେ ତୁମେ ବିଫଳ ହେବ । ପୁନଶ୍ଚ ଏହି ଜିନିଷ ଓ ବସ୍ତୁଗୁଡ଼ିକ ବିଚାର ଦିବସରେ ତୁମ ପାଇଁ ବୋଝ ସାଜିଯିବ । ଏହା ଶୁଣି ହଜ଼ରତ ଉବାଦା ବିନ୍ ସାମିତ କହିଲେ ଯେ, ମୁଁ ଈଶ୍ୱରଙ୍କ ଅସ୍ତିତ୍ୱର ଶପଥ କରି କହୁଛି ଯିଏ ଆପଣଙ୍କୁ ସତ୍ୟାନୁଯାୟୀ ପ୍ରେରଣ କରିଛନ୍ତି, ମୋର ଏମିତି ସ୍ଥିତି ବା ଅବସ୍ଥା ଅଛି ଯେ, ମୁଁ ଦୁଇ ଜଣଙ୍କର ମଧ୍ୟ କାର୍ଯ୍ୟକର୍ତ୍ତା ହୋଇ ପାରିବି ନାହିଁ । ମୁଁ ତ' କୌଣସି ବ୍ୟକ୍ତିର ବୋଝକୁ ସହ୍ୟ କରିପାରୁ ନାହିଁ । ତେଣୁ ଆପଣ ମୋତେ ଯଦି ଏହି ଦାୟିତ୍ୱ ନିର୍ବାହ କରିବାକୁ ନଦିଅନ୍ତେ ତାହାହେଲେ ଖୁବ୍ ଭଲ ହୁଅନ୍ତା । ନବୀ କରୀମ ସ.ଅଙ୍କ ସମୟରେ ପାଞ୍ଚ ଜଣ ବ୍ୟକ୍ତି କୁରଆନ ଏକତ୍ରିତ କରିଥିଲେ । ସେମାନଙ୍କର ନାମ ଏହିପରି ଅଟେ:- ***ହଜ଼ରତ ମୁଆଜ଼ ବନ୍ ଜବଲ୍ ର.ଅ, ହଜ଼ରତ ଉବାଦା ବନ୍ ସାମିତ ର.ଅ, ହଜ଼ରତ ଉବୈ ବନ୍ କଆବ୍ ର.ଅ, ହଜ଼ରତ ଅବୁ ଅୟୁବ ଅନସାରୀ ର.ଅ ଏବଂ ହଜ଼ରତ ଅବୁ ଦରଦା ର.ଅ*** ।

ହଜ଼ରତ ୟଜ଼ିଦ ବିନ୍ ସୁଫୟାନ ର.ଅ ସିରିୟା ବିଜୟ ପରେ ହଜ଼ରତ ଉମର ରଅଙ୍କୁ ପତ୍ର ଲେଖିଲେ ଯେ, ସିରିୟା ବାସୀଙ୍କୁ ଏଭଳି ଏକ ଶିକ୍ଷକର ଆବଶ୍ୟକତା ରହିଛି ଯିଏ ସେମାନଙ୍କୁ କୁରଆନ ଶିକ୍ଷା ଦେଇପାରୁଥିବ ବା ଶିଖାଇ ପାରୁଥିବ ଏବଂ ଧର୍ମର ଗୂଢ ରହସ୍ୟକୁ ସେମାନଙ୍କ ଆଗରେ ଖୋଲି ବର୍ଣ୍ଣନା କରିପାରିବ । ତେଣୁ ଏହି ମିଶନ ପାଇଁ ହଜ଼ରତ ଉମର ର.ଅ ହଜ଼ରତ ମୁଆଜ଼ ର.ଅ, ହଜ଼ରତ ଉବାଦା ର.ଅ ଓ ହଜ଼ରତ ଅବୁ ଦରଦା ର.ଅଙ୍କୁ ପ୍ରେରଣ କରିଥିଲେ । ହଜ଼ରତ ଉବାଦା ଫିଲିସ୍ତିନକୁ ଯାଇ ସେଠାରେ ବସବାସ କରିଥିଲେ । ଜୁନାଦାଙ୍କ ଠାରୁ ବର୍ଣ୍ଣାନା କରାଯାଏ ଯେ, ଯେତେବେଳେ ମୁଁ ହଜ଼ରତ ଉବଦା ର.ଅଙ୍କ ନିକଟରେ ଉପସ୍ଥିତ ହେଲି ସେତେବେଳେ ମୁଁ ତାଙ୍କୁ ଏପରି ଅବସ୍ଥାରେ ଦେଖିବାକୁ ପାଇଲି ଯେ, ତାଙ୍କୁ ଅଲ୍ଲାଃତାଲାଙ୍କ ଧର୍ମର ସଠିକ୍ ଜ୍ଞାନ ଥିଲା । ଯେତେବେଳେ ମୁସଲାମାନମାନେ ସିରିୟାକୁ ବିଜୟ କଲେ ସେତେବେଳେ ହଜ଼ରତ ଉମର ର.ଅ ହଜ଼ରତ ଉବାଦା ଏବଂ ତାଙ୍କର ସାଥୀ ହଜ଼ରତ ମୁଆଜ଼ ବିନ୍ ଜବଲ ଓ ହଜ଼ରତ ଅବୁ ଦରଦା ର.ଅଙ୍କୁ ସିରିୟା ପ୍ରେରଣ କଲେ । କାରଣ ସେମାନେ ସେଠାରେ ଲୋକମାନଙ୍କୁ କୁରଆନର ଶିକ୍ଷା ଦାନ କରି ସେମାନଙ୍କୁ ଧର୍ମ ଶିକ୍ଷା ପ୍ରଦାନ କରନ୍ତୁ । ହଜ଼ରତ ଉବାଦା ଫିଲିସ୍ତିନ ଚାଲିଗଲେ ସେଠାରେ ଅମିର ମୁଆୱିୟା ଏକ ବିଷୟରେ ତାଙ୍କର ବିରୋଧ କଲେ, ଯାହାକୁ ଉବଦା ର.ଅ ନାପସନ୍ଦ କରୁଥିଲେ । ଉକ୍ତ ବିଷୟରେ ଅମିର ମୁଆୱିୟା ତାଙ୍କୁ କଟୁ ବାଣୀ କହିଲେ । ପ୍ରତ୍ୟୁତ୍ତରରେ ହଜ଼ରତ ଉବାଦା ର.ଅ କହିଲେ ଯେ, ମୁଁ କଦାପି ଆପଣଙ୍କ ସହିତ ଗୋଟିଏ ଭୂମିରେ ରହିପାରିବି ନାହିଁ । ତେଣୁ ସେ ମଦିନାକୁ ଫେରିଗଲେ । ହଜ଼ରତ ଉମର ର.ଅ ତାଙ୍କୁ ପଚାରିଲେ ଯେ, ତୁମକୁ କେଉଁ କଥାଟି ଏଠାକୁ ଫେରାଇ ଆଣିଛି ? ହଜ଼ରତ ଉବାଦା ର.ଅ ହଜ଼ରତ ଉମର ର.ଅଙ୍କୁ ସମସ୍ତ କଥା ଶୁଣେଇଲେ । ହଜ଼ରତ ଉମର ର.ଅ କହିଲେ ଯେ, ତୁମେ ନିଜ ସ୍ଥାନକୁ ଫେରିଯାଅ ! ଯେଉଁଠି ତୁମେ ଓ ତୁମପରି କେହି ବ୍ୟକ୍ତି ନଥିବେ ତାହାହେଲେ ଅଲ୍ଲାଃତାଲା ଏପରି ଭୂମିକୁ କଳୁଷିତ କରିଦେବେ । ତେଣୁ ତୁମର ଫେରିଯିବା ନିହାତି ଆବଶ୍ୟକ ଅଟେ ଏବଂ ଅମିର ମୁଆୱିୟାକୁ ମଧ୍ୟ ଏକ ଆଦେଶ ଲେଖି ପ୍ରେରଣ କଲେ ଯେ, ତମୁକୁ ହଜ଼ରତ ଉବାଦା ର.ଅଙ୍କ (କାର୍ଯ୍ୟ ଦକ୍ଷତା) ଉପରେ ଶାସନ କରିବାର କୌଣସି ଅଧିକାର ନାହିଁ । ହୁଜ଼ୁର ଅନୱର ଅ.ବ କହିଲେ : ସେ ଯାହାହେଉ ନା କାହିଁକି ହଜ଼ରତ ଉବାଦା ର.ଅଙ୍କ ସଂପର୍କରେ ଆହୁରି ଅନେକ ରିୱାୟତ ଦେଖିବାକୁ ମିଳେ ଯାହାକୁ ମୁଁ ଆଗାମୀ ଖୁତବାରେ إن شاء الله ଆଲୋଚନା କରିବି ।

ବର୍ତ୍ତମାନ ମୁଁ ଜଣେ ସ୍ୱର୍ଗତଙ୍କ ଚର୍ଚ୍ଚା କରିବାକୁ ଚାହୁଁଛି ଯାହାଙ୍କର ଯନାଜ଼ାଃ ମୁଁ ନମାଜ଼ ପରେ ପଢେଇବି । ସେ ହେଉଛନ୍ତି ସମ୍ମାନନୀୟ ତାହିର ଆରିଫ ସାହେବ । ଯିଏ ଅଲ୍ଲାଃତାଲାଙ୍କ ସ୍ଥିରୀକୃତ ବିଧାନ ଅନୁଯାୟୀ ଅଗଷ୍ଟ ମାସ ୨୬ ତାରିଖ ୟୁ.କେରେ ଧୈର୍ଯ୍ୟପୂର୍ଣ୍ଣ ସହ ରୋଗ ସହିତ ସଂଗ୍ରାମ କରି ପରିଶେଷରେ ମୃତ୍ୟୁବରଣ କଲେ ।إِنَّا لِلّٰهِ وَإِنَّا إِلَيْهِ رَاجِعُونَ। ସେ କର୍କଟ ରୋଗରେ ପିଡ଼ୀତ ଥିଲେ ଏବଂ ଅତ୍ୟନ୍ତ ଧୈର୍ଯ୍ୟର ସହିତ ସେ ଉକ୍ତ ବ୍ୟାଧିକୁ ସହ୍ୟ କରିଥିଲେ । ପ୍ରଥମେ ସେ ଜଣେ ସରକାରୀ ଅଫିସର ଥିଲେ ପରେ

ଚଳିତ ବର୍ଷରେ ମୁଁ ତାଙ୍କୁ ସଦର ଫଜ୍‌ଲେ ଉମର ଫାଉଣ୍ଡେଶନ ରୂପେ ନିଯୁକ୍ତ କରିଥିଲି । ସ୍ୱର୍ଗତ ତାହିର ଆରିଫ ସାହେବ ୧୯୫୨ ମସିହା ଫେବୃୟାରୀ ମାସ ୧୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚୌଧୁରୀ ମହମ୍ମଦ ଆରିଫ ସାହେବ ଥିଲେ ଯିଏକି ମୁବଲ୍ଲିଗ ସିଲସିଲା ଥିଲେ । ତାଙ୍କ ପିତାଙ୍କୁ ଇଂଲଣ୍ଡରେ ମୁବଲ୍ଲିଗ ରୂପେ ସେବା କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ସେ ନାଏବ ଇମାମ୍ ମସଜିଦ ମଧ୍ୟ ରହି ଆସିଥିଲେ । ତାଙ୍କ ପିତା ମହମ୍ମଦ ୟାର ଆରିଫ ସାହେବ ରବୱାରେ ନାଏବ ୱକିଲୁତ୍ ତବଶୀର ତେହରିକେ ଜଦିଦରେ ମଧ୍ୟ ଦାୟିତ୍ୱ ନିର୍ବାହ କରିଆସିଛନ୍ତି । ମୌଲାନା ମୁକରରମ୍ ମହମ୍ମଦ ୟାର ଆରିଫ ସାହେବ ଜମାଅତର ସୁଦକ୍ଷ ବାଗ୍ମୀ ତର୍କଶାସ୍ତ୍ରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ତାହିର ଆରିଫ ସାହାବଙ୍କ ମାତାଙ୍କ ନାମ ମହୋଦୟା ଇନାୟତ ସୁରୈୟା ବେଗମ ସାହେବା ଥିଲା ଏବଂ ତାଙ୍କ ଅଜାଙ୍କ ନାମ ଚୌଧୁରୀ ଗୁଲାମ ହୁସୈନ ଭଟ୍ଟୀ ସାହେବ ଥିଲା, ଯିଏ ହଜ଼ରତ ମସିହ ମଉଦ ଅ.ସଙ୍କର ସାହାବୀ ଥିଲେ । ତାହିର ଆରିଫ ସାହେବ ଅତ୍ୟନ୍ତ ଜ୍ଞାନ ପିପାସୁ ଏବଂ ଅଭିରୁଚି ସଂପନ୍ନ ବ୍ୟକ୍ତି ଥିଲେ । ଚୀରାଭ୍ୟାସ ଲେଖକ ହେବା ସଙ୍ଗେସଙ୍ଗେ ଜଣେ କବି ମଧ୍ୟ ଥିଲେ । ସେ ଅନେକ ପୁସ୍ତକ ରଚନା କରିଛନ୍ତି । ତାଙ୍କର ଦୁଇଟି କାବ୍ୟ ସଂକଳନ ଅତ୍ୟନ୍ତ ମର୍ମସ୍ପର୍ଶୀ ଏବଂ ବିଖ୍ୟାତ ଅଟେ । ଯେତେବେଳେ ସେ ଶିକ୍ଷାଲାଭ ଉଦ୍ଦେଶ୍ୟରେ ଇଂଲଣ୍ଡରେ ବସବାସ କରୁଥିଲେ ସେତେବେଳେ ହଜ଼ରତ ଖଲିଫତୁଲ ମସହିଉର୍ ରାବେ ରେ.ଅଙ୍କ ନିର୍ଦ୍ଦେଶାନୁକ୍ରମେ ଚୌଧୁରୀ ରଶିଦ ସାହେବ ଇଂରାଜୀରେ ଯେଉଁ ପୁସ୍ତକମାନ ରଚନା କରିଥିଲେ, ସେହି ପୁସ୍ତକଗୁଡ଼ିକ ଲେଖିବାରେ ତାଙ୍କୁ ସାହାଯ୍ୟ କରିବାର ସୁଯୋଗ ମଧ୍ୟ ପ୍ରାପ୍ତ ହୋଇଥିଲା ।

ଅଲ୍ଲାଃତାଲାଙ୍କ କୃପାରୁ ତାଙ୍କୁ ହଜ଼ରତ ମସିହ ମଉଦ୍ ଅ.ସଙ୍କ ପୁସ୍ତକଗୁଡ଼ିକର ଅଧ୍ୟୟନ କରିବା ପ୍ରତି ଗଭୀର ଅଭିରୁଚି ବା ଆଗ୍ରହ ଥିଲା । ସେ ନିୟମିତ କୁରଆନ ପାଠ କରୁଥିଲେ ଏବଂ ଏହା ଉପରେ ଚିନ୍ତନ କରୁଥିଲେ । ସେ ନିୟମିତ ରୂପେ ନମାଜ଼ ତହଜ୍ଜୁଦ ମଧ୍ୟ ପଢୁଥିଲେ । ସେ ସର୍ବଦା ଜମାଅତର ସେବା ପାଇଁ ପ୍ରସ୍ତୁତ ରହୁଥିଲେ ଏବଂ ନିର୍ଭୀକ ବ୍ୟକ୍ତି ଥିଲେ । ସେ ଗଭୀର ଅଧ୍ୟୟନକାରୀ ବ୍ୟକ୍ତି ଥିଲେ ଏବଂ ତାଙ୍କର ମସ୍ତିଷ୍କ ବୁଦ୍ଧିରେ ପରିପୂର୍ଣ୍ଣ ଥିଲା । ଖିଲାଫତେ ଅହମଦିୟା ପ୍ରତି ସ୍ୱାଭିମାନୀ ଥିଲେ, ନିଷ୍ଠାପର ଓ ନିର୍ଭୀକ ବ୍ୟକ୍ତି ଥିଲେ । ସେ ନିଜର ସମ୍ପୂର୍ଣ୍ଣ ଜୀବନକୁ ଖିଲାଫତ ଅହମଦିୟାର କିପରି ସୁଲତାନେ ନସୀର (ସହାୟକ ନରେଶ) ହୋଇପାରିବ ଏଥିପ୍ରିତ ସେ ସର୍ବଦା ଚେଷ୍ଟିତ ଥିଲେ ଏବଂ ସଂପ୍ରଦାୟର ବିଶ୍ୱସ୍ତ ସେବକ ରୂପେ ନିଜର ଜୀବନ  ଅତିବାହିତ କରିଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ମୁଁ ଏହା ଦେଖିଅଛି ଯେ, ଉକ୍ତ ପ୍ରୟାସରେ ହିଁ ଅଲ୍ଲାଃତାଲା ତାଙ୍କୁ ସଫଳତା ମଧ୍ୟ ପ୍ରଦାନ କରିଥିଲେ । ସେ ମୋର ସହପାଠୀ ଥିଲେ ଏବଂ ମୁଁ ତାଙ୍କୁ ପିଲାବେଳୁ ଓ କଲେଜ ସମୟରୁ ଚିହ୍ନିଛି । ଅଲ୍ଲାଃତାଲାଙ୍କ କୃପାରୁ ସେହି ସମୟରୁ ହିଁ ତାଙ୍କୁ ଜ୍ଞାନ ଆହରଣ କରିବା ପ୍ରତି ଅତ୍ୟନ୍ତ ଆଗ୍ରହ ଥିଲା । ଜଣେ ଭଲ ଯୁକ୍ତିତର୍କକାରୀ ବ୍ୟକ୍ତି ଥିଲେ । ସେ କଲେଜର ଡ଼ିବେଟରେ ଭାଗ ନେଉଥିଲେ, ଜଣେ ଦକ୍ଷ ବକ୍ତା ମଧ୍ୟ ଥିଲେ । ଏହି କଥାଟି ମଧ୍ୟ ଆଲୋଚନା ଯୋଗ୍ୟ ଯେ, ସେ ସର୍ବଦା ଜମାଅତରେ ଖୁଦ୍ଦାମ ଏବଂ ୱାକ୍‌ଫିନେ ଜ଼ିନ୍ଦେଗୀ (ଉତ୍ସର୍ଗୀକୃତ ଜୀବନ)ଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ । ଏହା ବ୍ୟତୀତ ସେ ଅହମଦି ସାଙ୍ଗମାନଙ୍କର ଯଥୋଚିତ ସାହାଯ୍ୟ ପାଇଁ ସର୍ବଦା ପ୍ରସ୍ତୁତ ରହୁଥିଲେ । ଫଜ଼ଲେ ଉମର ଫାଉଣ୍ଡେଶନରେ ତାଙ୍କର ସେବା କରିବାର ପରଂପରା ୨୦୧୪ ମସିହାରୁ ଆରମ୍ଭ ହୋଇଥିଲା, ସେତେବେଳେ ମୁଁ ତାଙ୍କୁ ଫଜ଼ଲେ ଉମର ଫାଉଣ୍ଡେଶନର ଡ଼ାଇରେକ୍ଟର ରୂପେ ନିଯୁକ୍ତ କରିଥିଲି । ୨୦୧୭ ମସିହାରେ ହମିଦ ନସରୁଲ୍ଲାଃ ଖାନ ସାହେବଙ୍କ ବିୟୋଗ ପରେ ଯିଏକି ପୂର୍ବତନ ଫଜ଼ଲେ ଉମର ଫାଉଣ୍ଡେଶନର ଅଧ୍ୟକ୍ଷ ଥିଲେ, ମଁ ତାଙ୍କୁ ଫଜ଼ଲେ ଉମର ଫାଉଣ୍ଡେଶନର ଅଧ୍ୟକ୍ଷ ରୂପେ ନିଯୁକ୍ତ କରିଥିଲି । ତେଣୁ ତାଙ୍କର ବିୟୋଗ ପରେ ତାହିର ଆରଫ ସାହେବ ଉକ୍ତ ଅଧ୍ୟକ୍ଷ ପଦରେ ଅଧିଷ୍ଠିତ ହୋଇଥିଲେ । ମୃତକଙ୍କ ପରିବାରରେ ତାଙ୍କର ପତ୍ନୀ ଅନିସା ସାହେବା ଏବଂ ପୁତ୍ର ଅସଫନ୍ଦ୍ ୟାର ଆରିଫ ସାହେବ ଏବଂ ତିନି ଝିଅ ତୟେବା ଆରିଫ, ଅଜ଼ିଜ଼ା ଆୱଜ୍ ଓ ବିନା ତାହିର ରହିଛନ୍ତି।

ତାଙ୍କର ସୁପୁତ୍ରୀ ତୟେବା ଆରିଫ ସାହେବା ଉଲ୍ଲେଖ କରନ୍ତି ଯେ, ଆମ ସ୍ୱର୍ଗୀୟ ପିତାଙ୍କୁ ଅଲ୍ଲାଃତାଲା ଅନେକ ସାଂସାରିକ ଉନ୍ନତି ଦ୍ୱାରା ସମ୍ମାନିତ କରିଥିଲେ । କିନ୍ତୁ ସର୍ବଦା ଜମାଅତର ନିଶ୍ଚିତତାକୁ ଅତ୍ୟନ୍ତ ସାହସିକତାର ସହ ଓ ସ୍ୱାଭିମାନର ସହ ସମ୍ପାଦନ କରି ଚାଲିଥିଲେ । ଅତ୍ୟନ୍ତ ନ୍ୟାୟପ୍ରିୟ ଓ ଭରସା ଯୋଗ୍ୟ ବ୍ୟକ୍ତି ଥିଲେ । ସେ ଧର୍ମକୁ ପ୍ରତ୍ୟେକ କର୍ମ ଉପରେ ଅଗ୍ରାଧିକାର ଦେଉଥିଲେ ଏବଂ ସର୍ବଦା ଅଲ୍ଲାଃତାଲାଙ୍କ ଉପରେ ଭରସା ରଖୁଥିଲେ ଏବଂ ବିନୀତ ସ୍ୱଭାବ ବ୍ୟକ୍ତି ଥିଲେ । ସେ ଅଲ୍ଲାଃତାଲା ଏବଂ ରସୁଲଙ୍କ ପ୍ରେମରେ ନିମଜ୍ଜିତ ଥିଲେ । ଆମ ମା କହନ୍ତି କି ମୁଁ ତାଙ୍କୁ ସର୍ବଦା ଜଣେ ନ୍ୟାୟପ୍ରିୟ ଓ କୋମଳ ସ୍ୱଭାବ ବ୍ୟକ୍ତି ରୂପେ

ଦେଖି ଆସିଛି । ବିନା କୌଣସି ଭେଦ ଭାବ ହୋଇ ସେ ବଡ଼ ସାନ, ଧନୀ ଦରିଦ୍ର ପ୍ରତ୍ୟେକଙ୍କ ସହିତ ନିଜ ପଦବୀରୁ ନିର୍ଲିପ୍ତ ବା ସ୍ୱାଧୀନ ହୋଇ ତାଙ୍କ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିଲେ । କେତେକ ପରିଜନମାନେ ଲେଖନ୍ତି ଯେ, ସେ ନିଜର ବ୍ୟକ୍ତିଗତ ସଂପର୍କ ଯୋଗୁଁ ଉତ୍ତେଜିତ ହୋଇଯାଉଥିଲେ । କିନ୍ତୁ ତାଙ୍କ ସଂପର୍କରେ ଯାହାକିଛି ବି ଉଲ୍ଲେଖ କରାଯାଉଛି, ମୁଁ ତାଙ୍କୁ ବ୍ୟକ୍ତିଗତ ରୂପେ ଭଲଭାବେ ଜାଣିଛି । ତେଣୁ ସବୁକଥା ସ୍ପଷ୍ଟ ପ୍ରଦର୍ଶିତ ହେଉଅଛି ଯେ, ସେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ।

ମୁବାରକ ସିଦ୍ଦିକୀ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ତାହିର ଆରିଫ ସାହେବଙ୍କ ସ୍ୱଭାବ ବିନୀତ, ବିନମ୍ରତା ବିଦ୍ୟମାନ ଥିଲା ଏବଂ ସେ ଖଲିଫାଙ୍କ ପ୍ରତି ଗଭୀର ନିଷ୍ଠା ଓ ବିଶ୍ୱସ୍ତତାଏବଂ ଆଜ୍ଞାନୁବର୍ତ୍ତିତାର ସଂପର୍କ ରଖିଥିଲେ । ସେ ଜଣେ ଉଚ୍ଚ କୋଟୀର କବି ଓ ଲେଖକ ଭାବେ ପରିଚିତ ଥିଲେ । ମୁବରାକ ସିଦ୍ଦିକୀ ସାହେବ କହନ୍ତି ଯେ, ଏକଦା ମୁଁ ତାଙ୍କୁ ଅନୁରୋଧ କଲି ଯେ, ଆପଣ ମୋତେ ନିଜର ଅତିପ୍ରିୟ କବିତାଟି ଶୁଣାନ୍ତୁ । ମୋର ଏହି ଅନୁରୋଧ କ୍ରମେ ତାଙ୍କର ଖିଲାଫତ ପ୍ରତି ଯେଉଁ ଶ୍ରଦ୍ଧାଭାବ ରହିଥିଲା, ସେ ନିଜର ଏକ କବିତାରେ ତାହାକୁ ବଖାଣିଛନ୍ତି ।

آقا تیرا غلام تیرے پاس ہو کبھی
قدموں میں لوٹ جائے بدن گھاس ہو کبھی

ଅର୍ଥାତ ହେ ସ୍ୱାମୀ ତୁମ୍ଭର ସେବକ ତୁମ୍ଭ ନିକଟରେ ରହୁ କେବେ
ମୋର ଏହି ଶରୀର ତୁମ୍ଭ ପାଦ ତଳେ ତୃଣ ସଦୃଶ ହୋଇ ଗଡ଼ିଯାଉ କେବେ

କହନ୍ତି ଯେ, ଦିନେ ଏକ ମୈତ୍ରିକ ସଭାରେ ମୁଁ କହିଲି ତାହିର ଆରିଫ ସାହେବ ! ଅଲ୍ଲାଃତାଲା ପ୍ରତ୍ୟେକ ଅହମଦିଙ୍କୁ କୌଣସି ନା କୌଣସି ରୂପେ ଅନେକ ସମ୍ମାନ ଦ୍ୱାରା ଭୂଷିତ କରିଛିନ୍ତି । ଯେମିତି ଅଲ୍ଲାଃତାଲା ଆପଣଙ୍କୁ ପୁଲିସ ବାହିନୀରେ ଏକ ବଡ଼ ପଦବୀ ମାଧମରେ ସମ୍ମାନିତ କରିଛନ୍ତି । ସେ କହିବାକୁ ଲାଗିଲେ ଯେ, ଏହାଠୁ ବି ଅଧିକ ଅଲ୍ଲାଃତାଲା ମୋତେ ସମ୍ମାନ ପ୍ରଦାନ କରିଛନ୍ତି । ତାହାହେଲା ଯେ, ମୁଁ ଜଣେ ଅହମଦି ଓ ପୁନଶ୍ଚ ମୁଁ ଉପସ୍ଥିତ ଖଲିଫାଙ୍କ ସହପାଠୀ ମଧ୍ୟ ରହି ଆସିଛି । ତେଣୁ ଏହା ମୋ ପାଇଁ ଅତ୍ୟନ୍ତ ଗୌରବ ତଥା ସମ୍ମାନର ବିଷୟ ।

ହୁଜୁର ଅନୱର ଅ.ବ କହିଲେ ଶିକ୍ଷାର୍ଥୀ କାଳରେ ଅନ୍ତରଙ୍ଗ, ଘନିଷ୍ଟ, ବା ନିଶଙ୍କୋଚରେ ଅନେକ କଥା ମଧ୍ୟ ଘଟିଯାଇଥାଏ କିନ୍ତୁ ଯେତେବେଳେ ହଜ଼ରତ ଖଲିଫତୁଲ ମସିହ ରାବେ ରେ.ଅ ମୋତେ ନାଜ଼ିର ଆଲା ନିଯୁକ୍ତ କଲେ ସେତେବେଳେ ସେ ମୋ ପ୍ରତି ଅତ୍ୟନ୍ତ ସମ୍ମାନ ଭାବ ପ୍ରଦର୍ଶନ କରିବାକୁ ଆରମ୍ଭ କଲେ ଏବଂ ଅଲ୍ଲାଃତାଲାଙ୍କ କୃପାରୁ ଖିଲାଫତ ପରେ ତ' ନିଷ୍ଠା ଏବଂ ବିଶ୍ୱସ୍ତତା ସଂପର୍କରେ ସେ ଆହୁରି ଆଗକୁ ବଢିଗଲେ ।

ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ । ସ୍ୱର୍ଗରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ପୂର୍ଣ୍ଣ ବିଶ୍ୱସ୍ତତାର ସହିତ ଜମାଅତ ଓ ଖିଲାଫତ ସହିତ ସଂଶ୍ଳୀଷ୍ଟ ରଖନ୍ତୁ । ଆମିନ୍

**KHULASA KHUTBA JUMA HUZOOR ANWAR a.b.a**

................................................

**30th Aug 2019**

...............................